# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଛତ୍ରପୁର

ପତ୍ର ସଂଖ୍ୟା :- 1434 **ବିଜ୍ଞାପନ** ତା- 07.08.26

ଏତଦ୍ ଦ୍ୱାରା ଛତ୍ରପୁର ପଞ୍ଚାୟତ ସମିତି ଅନ୍ତର୍ଗତ ନିମ୍ନଲିଖିତ ଅଙ୍ଗନୱାଡ଼ି କେନ୍ଦ୍ରର ଜନସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି କର୍ମୀ ପଦବୀ ଖାଲି ପଡିଅଛି । ଆୟୋଗ ତଥା ସଚିବ, ମହିଳା ଓ ଶିଶୁବିକାଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱରଙ୍କ ନିର୍ଦ୍ଦେଶାବଳୀ **ପତ୍ର ସଂଖ୍ୟା ୨୮୨୦/ ତା-୧୦.୦୨.୨୦୨୩ ଓ ୪୯୨୦/ ତା-୧୫.୦୩.୨୦୨୩** ଅନୁଯାୟୀ ଅଙ୍ଗନୱାଡ଼ି କର୍ମୀ ଚୟନ ନିମନ୍ତେ ପ୍ରାର୍ଥିନୀ ମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥିନୀ ମାନେ ନିର୍ଦ୍ଧାରିତ ସମୟ ସୀମା **(୧୦ .୦୮.୨୦୨୬ ରିଖ ଠାରୁ ୨୪ .୦୮.୨୦୨୬ ରିଖ )** ମଧ୍ୟରେ ନିଜର ଆବେଦନ ପତ୍ର online **(http://engagement-awc.odisha.gov.in)** ମାଧ୍ୟମରେ public login କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଆବେଦନ କରିପାରିବେ ।ଏହି ପଦବୀ ପାଇଁ ଅନଲାଇନ ଆବେଦନ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଆବେଦନକୁ ଗ୍ରହଣ କରାଯିବ ନାହିଁ । ଉପରଲିଖିତ ଧାର୍ଯ୍ୟ ତାରିଖ ଓ ସମୟ ସୀମା ବାହାରେ କିମ୍ବା ଅସମ୍ପୂର୍ଣ ଆବେଦନ ପତ୍ର ହୋଇଥିଲେ ସେ ଗୁଡିକ ଗ୍ରହଣ କରାଯିବ ନାହିଁ ।

**ଅନଲାଇନ ଦରଖାସ୍ତ ଆବେଦନ କରିବା ମୂଳ ତାରିଖ – ୧୦ .୦୮.୨୦୨୬**
**ଅନଲାଇନ ଦରଖାସ୍ତ ଆବେଦନ କରିବା ଶେଷ ତାରିଖ – ୨୪ .୦୮.୨୦୨୬**
**ଆବେଦନ ପତ୍ର / ମୂଳ ପ୍ରମାଣ ପତ୍ର (Original Certificate) ଯାଞ୍ଚ ତାରିଖ – ୨୫ .୦୮.୨୦୨୬**

## ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ:

କେନ୍ଦ୍ରର ବିବରଣୀ

| କ୍ରମ° | କେନ୍ଦ୍ରର ନାମ | ଗ୍ରାମପଞ୍ଚାୟତ | ମଣ୍ଡଳ |
|---|---|---|---|
| ୦୧ | ପୁରୁଣା ଛତ୍ରପୁର-୧ | କଣାମଣା | କଣାମଣା |
| | | | |

| କ୍ର ନଂ | ସାହିର ନାମ | କେନ୍ଦ୍ରାଞ୍ଚଳ ( ପ୍ରଥମ ଘର ଠାରୁ ଶେଷ ଘର ) |
|---|---|---|
| ୦୧ | ଧୋବା ସାହି | ପଦ୍ମନଭ୍ୟ ବେହେର ୦୦୧ ----- ପୂର୍ଣ୍ଣ ଚନ୍ଦ୍ର ବେହେରା ୦୮୪ |
| ୦୨ | ମେଇନ ରୋଡ ସାହି | ଏନ. ଲକ୍ଷ୍ମଣ ରେଡି ୦୮୫ ------ ମୋହନ ସାହୁ ୧୩୩ |

ଉପରୋକ୍ତ ଅଙ୍ଗନୱାଡି କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମି ପଦବୀ ନିମନ୍ତେ ଆବେଦନକାରିଣୀ ନିମ୍ନଲିଖିତ ସାହିର ଅନ୍ତର୍ଭୁକ୍ତ ହୋଇଥିବେ ।

## ଚୟନ ନିମନ୍ତେ ଯୋଗ୍ୟତା :

୧. ଆବେଦନ କାରି ମହିଳା ପ୍ରାର୍ଥିନୀ ହେବା ସହ, ପ୍ରାର୍ଥିନୀ ଆବେଦନ କରୁଥିବା ଅଙ୍ଗନୱାଡ଼ି କେନ୍ଦ୍ର ସେବା ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।
୨. ପ୍ରାର୍ଥିନୀଙ୍କ ବୟସ **୦୧.୦୧.୨୦୨୬** ସୁଧା ୧୮ ବର୍ଷରୁ **୩୫** ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
୩. ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ (+୨) ଶ୍ରେଣୀ ପାସ ହୋଇଥିବା ଆବଶ୍ୟକ ।
୪. ଚୟନ ବେଳେ ସମ୍ପୃକ୍ତ ପ୍ରମାଣ ପତ୍ର ଥିବା ଅନୁସୂଚିତ ଜାତି ,ଅନୁସୂଚିତ ଜନଜାତି, ଅନାଥ ବାଳିକା, ବିଧବା, ଛାଡପତ୍ର ପାଇଥିବା ମହିଳା ବା ସ୍ୱାମୀଙ୍କ ଠାରୁ ତ୍ୟାଗ ହୋଇଯାଇଥିବା ମହିଳାମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅତିରିକ୍ତ ସଂଖ୍ୟା ପ୍ରଦାନ କରାଯିବ

Scanned with OKEN Scanner

୫ . ପ୍ରାର୍ଥୀନୀ ଓଡ଼ିଆ ମାତୃଭାଷାରେ ଅବଗତ ଥିବା ଆବଶ୍ୟକ ।

- ଭାଷା ବିଷୟ ଭାବରେ ଓଡିଆ ସହିତ ମଧ୍ୟମ ବିଦ୍ୟାଳୟ ପରୀକ୍ଷା ରେ ଉତ୍ତୀର୍ଣ୍ଣ **କିମ୍ବା**
- ଅଣ ଭାଷା ବିଷୟ ବସ୍ତୁରେ ପରୀକ୍ଷାର ମାଧ୍ୟମ ଭାବରେ ଓଡିଆ ସହିତ ଉଚ୍ଚ ବିଦ୍ୟାଳୟ ସାର୍ଟିଫିକେଟ କିମ୍ବା ସମାନ ପରୀକ୍ଷା **କିମ୍ବା**
- ଓଡ଼ିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଏକ ବିଦ୍ୟାଳୟ କିମ୍ବା ଶିକ୍ଷାନୁଷ୍ଠାନରୁ ସପ୍ତମ ଶ୍ରେଣୀର ଅନ୍ତିମ ପରୀକ୍ଷାରେ ଏକ ଭାଷା ବିଷୟ ଭାବବରେ ଓଡିଆରେ ପାସ୍ ହୋଇଥିବା ଆବଶ୍ୟକ **କିମ୍ବା**
- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଧ୍ୟମ ଇଂରାଜୀ ବିଦ୍ୟାଳୟ ମାନଙ୍କରେ ଓଡିଆ ରେ ଏକ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଥିବେ ।

୬. ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଅଟେ। ଅ.କର୍ମୀ ଜଣକ ମାସିକ ପାରିଶ୍ରମିକ ବର୍ତମାନ ଟ. ୧୦,୦୦୦/- (ଦଶ ହଜାର) . ମାତ୍ର ପାଇବେ , ଭବିଷ୍ୟତରେ ପ୍ରାର୍ଥୀନୀ କୌଣସି ମତେ ଏହାର ସ୍ଥାୟିତ୍ୱ ତଥା ନିର୍ଦ୍ଧିଷ୍ଟ ବେତନ ଉପରେ ଦାବି କରିପାରିବେ ନାହିଁ

୭. ସେବା କାର୍ଯ୍ୟରେ ଆଗ୍ରହୀ ଥିବା ଯେ କୌଣସି ବର୍ଗର ମହିଳା ମାନେ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ବିଧବା / ଅନାଥ ଝିଅ ( ଜୈବିକ କିମ୍ବା ଆଇନଗତ ପିତା ମାତା ନଥିବ ) | ୧୦ |
| ୨ | ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ଅଧିକା ଭିନ୍ନକ୍ଷମ କୁ ଶାରୀରିକ ଭିନ୍ନକ୍ଷମ ଗ୍ରହଣ କରାଯିବ ) / ନିରାଶ୍ରୟ / ପରିତ୍ୟକ୍ତ / ଛାଡପତ୍ର ପ୍ରାପ୍ତ ମହିଳା / ଯଦି ପ୍ରାର୍ଥୀନୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତିର୍ଣ୍ଣ ହୋଇଛନ୍ତି । (ଦ୍ୱାଦଶରୁ ଉର୍ଦ୍ଧ) | ୦୫ |
| ୩ | ଯଦି ପ୍ରାର୍ଥୀନୀ ଅତୀତରେ ସମଗ୍ର ଶିକ୍ଷା ଏନ.ପି.ଇ.ଜି.ଇ.ଏଲ ଅଧୀନରେ ଇ.ସି.ସି.ଇ କର୍ମୀ ଭାବରେ କାର୍ଯ୍ୟ କରିଛନ୍ତି । | ୧୫ ପଏଣ୍ଟ ସର୍ବୋଚ୍ଚ ସୀମା ସହ ବାର୍ଷିକ ୦୫ ପଏଣ୍ଟ ପ୍ରଦାନ । |
| ୪ | ଯଦି ପ୍ରାର୍ଥୀନୀ ଅତୀତରେ ଗାଁର ବାଲୱାଡି କେନ୍ଦ୍ରରେ ବାଲୱାଡି କର୍ମୀ ଭାବରେ କାର୍ଯ୍ୟ କରିଛନ୍ତି । | ୧୫ ପଏଣ୍ଟ ସହିତ ସେବାରେ ବାର୍ଷିକ ୦୫ ପଏଣ୍ଟ ପ୍ରଦାନ। |

**<u>ଆବେଦନ ସମୟରେ ଆବଶ୍ୟକ ପ୍ରମାଣ ପତ୍ର :-</u>**

୧) ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଓ ମାର୍କସିଟ ଅବିକଳ ନକଲ ଅନଲାଇନରେ ଅପଲୋଡ କରିବେ ।

୨) ପ୍ରାର୍ଥୀନୀମାନେ ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ କରିଥିବା ବୈଧତା ଥିବା ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଅନଲାଇନରେ ଅପଲୋଡ କରିବେ ।

୩) ଅନୁସୂଚିତ ଜାତି/ଜନଜାତି, ଅନାଥ ବାଳିକା, ବିଧବା, ଛାଡପତ୍ର ପାଇଥିବା ମହିଳା ବା ସ୍ୱାମୀଙ୍କ ଠାରୁ ତ୍ୟାଗ କରାଯାଇଥିବା ମହିଳାମାନେ ଏଥି ନିମନ୍ତେ ସେମାନଙ୍କର ସରକାରୀ ପ୍ରମାଣପତ୍ର ଅନଲାଇନରେ ଅପଲୋଡ କରିବେ ।

୪) ପରିଚୟ ପ୍ରମାଣ ପତ୍ର (Voter ID/ Aadhaar card) ର ଓରିଜିନାଲ୍ ନକଲ ଅନଲାଇନରେ ଅପଲୋଡ କରିବେ।

୫) ବର୍ତ୍ତମାନର ରଙ୍ଗୀନ ପାସପୋର୍ଟ ସାଇଜ ଫଟୋ ଅନଲାଇନରେ ଅପଲୋଡ କରିବେ ।

୬) ପ୍ରାର୍ଥୀନୀମାନେ ନିଜର ସମସ୍ତ ପ୍ରମାଣପତ୍ର ରେ ନିଜସ୍ୱ ଦସ୍ତଖତ କରିଥିବା ଆବଶ୍ୟକ

୭) ବିଧବା ହୋଇଥିଲେ ସ୍ୱାମୀଙ୍କର ମୃତ୍ୟୁର ପ୍ରମାଣ ପତ୍ର ନକଲ ଅପଲୋଡ କରିବେ ।

୮) E.C.C.E ( Under Sarva Sikhya Abhiyaana / NPEGEL ) କାର୍ଯ୍ୟ କରିଥିଲେ ତାହାର ପ୍ରମାଣ ପତ୍ର ଅପଲୋଡ କରିବେ

Scanned with OKEN Scanner

**ସର୍ତ୍ତାବଳୀ**

୧) ଏହି ନିଯୁକ୍ତି ସମ୍ପୂର୍ଣ ଭାବରେ ଅସ୍ଥାୟୀ ଅଟେ । ଅଙ୍ଗନୱାଡି କର୍ମୀ ଜଣେ ସ୍ୱେଚ୍ଛାସେବୀ ଅଟନ୍ତି । ତାଙ୍କୁ ମାସିକ ଟ. ୧୦,୦୦୦/- ପରିତୋଷିକ ଦେବା ବ୍ୟବସ୍ଥା ଅଛି, ଭବିଷ୍ୟତରେ ପ୍ରାର୍ଥିନୀ କୌଣସି ମତେ ଏହାର ସ୍ଥାୟିତ୍ୱ ତଥା ନିର୍ଦ୍ଦିଷ୍ଟ ବେତନ ଉପରେ ଦାବି କରିପାରିବେ ନାହିଁ ।

୨) ଆବେଦନକାରୀ ଏହି ବିଜ୍ଞାପନ ପ୍ରକାଶ ହେବାର **୧୫(ପନ୍ଦର)** ଦିନ ମଧ୍ୟରେ ଅର୍ଥାତ ତା-୧୦.୦୮.୨୦୨୬ ଠାରୁ ୨୪.୦୮.୨୦୨୬ ରିଖ ପର୍ଯ୍ୟନ୍ତ କେବଳ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ।

୩) ପ୍ରାର୍ଥିନୀମାନଙ୍କ ମୂଳ ପ୍ରମାଣପତ୍ର ( ଅରିଜିନାଲ ) ତା- ୨୫.୦୮.୨୦୨୬ ରିଖ ସମୟ ସକାଳ ୧୧:୦୦ ଘଣ୍ଟିକା ଠାରୁ ଅପରାହ୍ନ ୫:୦୦ ଘଣ୍ଟିକା ମଧ୍ୟରେ ଛତ୍ରପୁର ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଠାରେ ପ୍ରାର୍ଥିନୀ ମାନଙ୍କ ଉପସ୍ଥିତିରେ ଚୟନ କମିଟି ଦ୍ୱାରା ଯାଞ୍ଚ କରାଯିବ। ଯଦି କୌଣସି ପ୍ରାର୍ଥିନୀ ଅନୁପସ୍ଥିତ ରହିଲେ ଆବେଦନ ପତ୍ରକୁ ନାକଚ କରିଦିଆଯିବ । ଏହା ପରେ ପ୍ରାର୍ଥିନୀ ମାନଙ୍କର ତାଲିକା ପ୍ରକାଶ ପାଇବ । ପ୍ରକାଶିତ ତାଲିକାରେ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ବିରୁଦ୍ଧରେ ଶିକ୍ଷାଗତ, ବାସିନ୍ଦାଗତ ଓ ଜାତିଗତ ସମ୍ବନ୍ଧିଅ କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ୭ (ସାତ) ଦିନ ମଧ୍ୟରେ ଅର୍ଥାତ ୦୧ .୦୯ .୨୦୨୬ ରିଖ ମଧ୍ୟରେ ଅନଲାଇନ ମାଧ୍ୟମରେ ତତ୍ ସମନ୍ଧୀୟ ଲିଖିତ ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟତାରିଖ ପରେ କୌଣସି ଆପତି ଅଭିଯୋଗ ଗ୍ରହଣ କରାଯିବ ନାହି ।

୪) ମୂଳ ପ୍ରମାଣ ପତ୍ର ଯାଞ୍ଚ ଦିବସରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ, ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ ।

**ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱର, ଅଙ୍ଗନୱାଡ଼ି ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା ୨୮୨୦/WCD/ତା-୧୦.୦୨.୨୦୨୩ ଓ ୪୯୭୦/WCD/ତା-୧୫.୦୩.୨୦୨୩ ପ୍ରକାରେ ଚୟନ କରାଯିବ ।**

ବି.ଦ୍ର : କୌଣସି ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ ଉକ୍ତ ବିଜ୍ଞାପନକୁ ଏବଂ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତକୁ କୌଣସି କାରଣ ନଦର୍ଶାଇ ନାକଚ କରିବାର କ୍ଷମତା ସମ୍ପୃକ୍ତ ଅଧିକାରୀଙ୍କର ରହିଛି ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର
C.D.P.O. ICDS Project
CHATRAPUR

ପରିପତ୍ର ସଂଖ୍ୟା-: 1535 ତା-: 07.8.26

ଏହାର ଏକକିତା କେନ୍ଦ୍ରାଞ୍ଚଳର କୋଠ ଘର/ଅ :କେନ୍ଦ୍ର / ଗ୍ରାମ ପଞ୍ଚାୟତ ସର୍ବସାଧାରଣ ତଥା ମହିଳା ମାନଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ଲଟକା ଜାରି କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର
C.D.P.O. ICDS Project
CHATRAPUR

ପରିପତ୍ର ସଂଖ୍ୟା-: 1536 ତା-: 07.08.26

ଏହାର ଏକକିତା ନକଲ ସଂପୃକ୍ତ ଅଞ୍ଚଳ ପରିଦର୍ଶିକା / ଅ:କର୍ମୀ /ସ୍ୱାସ୍ଥ୍ୟ କର୍ମୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର
C.D.P.O. ICDS Project
CHATRAPUR

ପରିପତ୍ର ସଂଖ୍ୟା-: 1537 ତା-: 07.08.26

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗଞ୍ଜାମ୍, ଛତ୍ରପୁର/ଉପଜିଲ୍ଲାପାଳ, ଛତ୍ରପୁର/ଗୋଷ୍ଠି ଉନ୍ନୟନ ଅଧିକାରୀ,/ ଗୋଷ୍ଠି ଶିକ୍ଷା ଅଧିକାରୀ ଛତ୍ରପୁରଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କରାଗଲା ଏବଂ ଏଠାରେ ସେମାନଙ୍କୁ ଅନୁରୋଧ କରାଗଲା ଯେ ଏହାର ଏକକିତା ନକଲ ନୋଟିସ୍ ବୋର୍ଡରେ ଲଟକା ଜାରି କରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର
C.D.P.O. ICDS Project
CHATRAPUR

1538 . dt- 7.08.26

ପରିପତ୍ର ସଂଖ୍ୟା-: ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ସରପଞ୍ଚ/ ୱାର୍ଡ ମେମ୍ବର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର
C.D.P.O. ICDS Project
CHATRAPUR

Scanned with OKEN Scanner